ଶନିବାର, ୨୭ ଡିସେମ୍ବର, ୨୦୨୫

# ପିଲାଙ୍କ ଧରିତ୍ରୀ




ଜଣା ଅଜଣା ୭

୬ କବିତା

# ବୁଢ଼ିଭାଲୁ ଜଙ୍ଗଲ



## ଗପ

ଏକ ବିରାଟ ଜଙ୍ଗଲ ମଝିରେ ବୁଢ଼ୀଭାଲୁର ଘର। ବୁଢ଼ୀଭାଲୁର ଆଖିକୁ ଭଲ ଦେଖାଯାଉନି। ଶରୀର ଦୁର୍ବଳ ହେଲାଣି। ଭଲରେ ଚାଲିବୁଲି ପାରୁନି। ତଥାପି ମନକୁ ଟାଣ କରି ନିଜ କାମ ନିଜେ କରିଚାଲେ। କେହି ଯଦି ତାର ହାତ ଧରି ବାଟ କଢେଇ ଦେବାକୁ କୁହେ ତେବେ ସେ ମନା କରେ। ବୁଢ଼ାଭାଲୁ ଭାରି ସ୍ୱାଭିମାନୀ। ସହଜରେ କାହାଠାରୁ ସାହାଯ୍ୟ ନେବନି। କାହାର କ୍ଷତି କରେନି। ବରଂ ଅସୁବିଧାବେଳେ ସେ ଅନ୍ୟକୁ ସାହାଯ୍ୟ କରେ। ଏଣୁ ଜଙ୍ଗଲ ସାରା ବୁଢ଼ୀଭାଲୁର ଭାରି ପ୍ରଶଂସା।

ନୂଆବରଷ ଆସୁଛି ବୋଲି ଭୁଢିଭାଲୁର ମନ ଚଞ୍ଚଳ ହେଲାଣି। ସେ ଜଙ୍ଗଲର ବିଭିନ୍ନ ଗଛର ଛାଲି ଆଣି ପୋଷାକ ତିଆରି କରିବାରେ ଲାଗିଲା। ସେହି ବାଟ ଦେଇ ବିଲୁଆ ଗଲାବେଳେ ପଚାରିଲା ଆରେ ବୁଢ଼ୀଭାଲୁ ତୁ ଏସବୁ କାହାପାଇଁ କରୁଛୁ? ବୁଢ଼ୀଭାଲୁ କହିଲା ମୋ ପାଖରେ ଯେଉଁ ଦକ୍ଷତା ଅଛି ତାକୁ କାମରେ ଲଗାଇ କିଛି ପୋଷାକ ତିଆରି କରିଦେଉଛି। ଏହି ପୋଷାକ ସବୁ ଆମ ଜଙ୍ଗଲର ଛୁଆମାନଙ୍କୁ ଦେବି।

ନୂଆବରଷର ପୂର୍ବ ରାତି ଆସିଲା। ଗଛର ଛାଲିରେ ବୁଢିଭାଲୁ ଅନେକ ପୋଷାକ ତିଆରି କରି ରଖିଥାଏ। ଠିକ ରାତି ନଅଟାରୁ ଆରମ୍ଭ ହେଲା ନାଚଗୀତ। ଡିଜେ ଶବ୍ଦରେ ବୁଢ଼ୀଭାଲୁର ଗୁମ୍ପା ଥରି ଉଠୁଥାଏ। ବିଲୁଆ ହାତକୁ ସବୁ ପୋଷାକ ବଢାଇ ଦେଇ ବୁଢିଭାଲୁ କହିଲା, ଏ ପୋଷାକସବୁ ପିଲାମାନଙ୍କୁ ବାଣ୍ଟିଦେବୁ। ଆଉ ସେ ପିଲାମାନଙ୍କୁ କହିବୁ ଡିଜେ ଶବ୍ଦକୁ କମ୍ କରି ନାଚିବେ। ମୋ ଦେହ ସମ୍ଭାଳୁନି। ଛାତିଭିତରଟା ଧଡଧଡ ହେଉଛି। ବିଲୁଆ ତାହା ହିଁ କଲା। ବାଘଛୁଆ, ହରିଣଛୁଆ, ହାତୀଛୁଆ ସମସ୍ତଙ୍କୁ ବୁଢିଭାଲୁର ହାତ ତିଆରି ପୋଷାକ ବାଣ୍ଟିଲା ଏବଂ ଅନୁରୋଧ କଲା ଡିଜେ ଶବ୍ଦ କମାଇବାକୁ। ସମସ୍ତେ ପୋଷାକ ପିନ୍ଧି ନାଚିଲେ ସିନା କିନ୍ତୁ କେହି ଡିଜେର ଶବ୍ଦ କମାଇଲେ ନାହିଁ। ଡିଜେ ଶବ୍ଦକୁ ସହି ନପାରି ରାତିସାରା ବୁଢିଭାଲୁ ଛଟପଟ ହୋଇ ପ୍ରାଣ ଛାଡିଦେଲା। ନୂଆ ବରଷର ନୂଆ ସକାଳକୁ ଆଉ ବୁଢିଭାଲୁ ଦେଖିପାରିଲା ନାହିଁ। ସକାଳ ହେଲା। ବୁଢିଭାଲୁର ଶବକୁ ଆଣି ତା ଚାରିପାଖରେ ଜଙ୍ଗଲର ସବୁ ପଶୁପକ୍ଷୀ କାନ୍ଦୁଥାନ୍ତି। ଏତିକିବେଳେ ବିଲୁଆ ପହଁଚିଯାଇ କହିଲା, ବୁଢିଭାଲୁ ଜୀବନସାରା ସଭିଁଙ୍କ ଉପକାର କଲା। କିନ୍ତୁ ତାର ଗୋଟିଏ ଅନୁରୋଧ ତୁମେ କେହି ଶୁଣିଲ ନାହିଁ। ବିଲୁଆର କଥା ଶୁଣି ସମସ୍ତେ ବୁଢିଭାଲୁର ଶବ ସାମ୍ନାରେ ଶପଥ କରି କହିଲେ ଆଉ କେବେ ଡିଜେ ବଜାଇବୁ ନାହିଁ। ଏଥର ଖାଲି ହାତବାଜାରେ ନାଚଗୀତ ହେବ। ସେହି ଦିନଠାରୁ ସେହି ଜଙ୍ଗଲର ନାଁ ହେଲା ବୁଢିଭାଲୁ ଜଙ୍ଗଲ।

– **ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

# ନୂଆବର୍ଷରେ...



▶▶ନୂଆବର୍ଷ ପାଳନ ପରେ ଆମେରିକାର ଟାଇମ୍ସ ସ୍କୋୟାରଠାରେ ପ୍ରାୟ ୫୦ ଟନ୍‌ରୁ ଅଧିକ ଅଳିଆ ପଡ଼ିଥାଏ। ଏଥି ମଧ୍ୟରୁ ସର୍ବାଧିକ ଅଳିଆ ହେଉଛି ବିଭିନ୍ନ ପ୍ରକାର ଚିରୁକୁଟି। ଆଉ ଏଥିରେ ଲୋକଙ୍କର ବିଭିନ୍ନ ପ୍ରକାରର ଗୁପ୍ତ ଇଚ୍ଛା ହିଁ ଲେଖା ହୋଇଥାଏ।

▶▶ଫିଲିପାଇନ୍ସରେ ଲୋକେ ନୂଆବର୍ଷ ପାଳନ ନିମନ୍ତେ ପୋଲ୍‌କା ଡଟ୍ସର ବିଭିନ୍ନ ପ୍ରକାର ପୋଷାକ ପିନ୍ଧନ୍ତି। ସୁଖ ସମୃଦ୍ଧି ଓ ସମ୍ପଦର ପ୍ରତୀକଭାବେ ସେମାନେ ଏହାକୁ ଗ୍ରହଣ କରିଥାନ୍ତି। ତେଣୁ ପ୍ୟାଣ୍ଟ, ଶାର୍ଟ, ଜୋତା, ହେୟାର ବ୍ୟାଣ୍ଡ ଆଦି ବିଭିନ୍ନ ଜିନିଷରେ ସେମାନେ ପୋଲକା ଡଟ୍ସରେ ତିଆରି କରିଥାନ୍ତି।

▶▶ଲାଟିନ୍ ଆମେରିକା ସଂସ୍କୃତିରେ ଲୋକେ ନୂଆବର୍ଷ ସମୟରେ ଖାଲିଥିବା ଏକ ସୁଟକେସ୍ ନେଇ ବୁଲନ୍ତି। ଏପରି କଲେ ବିଭିନ୍ନ ସ୍ଥାନକୁ ଭ୍ରମଣ କରିବାର ସୁଯୋଗ ମିଳେ ବୋଲି ଲୋକେ ବିଶ୍ୱାସ କରନ୍ତି।

▶▶ବ୍ରାଜିଲର ଲୋକେ ସମୁଦ୍ର କୂଳରେ ନୂଆବର୍ଷ ପାଳନ କରନ୍ତି। ଲୋକେ ସମୁଦ୍ରରେ ଆସୁଥିବା ଲହଡିକୁ ୭ଥର ଡେଇଁ ୭ଟି ମାନସିକ କରନ୍ତି ଯାହା ପୂରଣ ହୁଏ ବୋଲି ସେମାନେ ବିଶ୍ୱାସ କରନ୍ତି।

▶▶ଲାଟିନ୍ ଆମେରିକାରେ କେତେକ ଟେବୁଲ ତଳେ ରହି ନୂଆବର୍ଷକୁ ସ୍ୱାଗତ କରନ୍ତି।

▶▶ନୂଆବର୍ଷ ଆରମ୍ଭ ହେବା ମାତ୍ରେ ଯଦି ପ୍ଲେଟ ଭାଙ୍ଗିବାର ଶବ୍ଦ ଶୁଣିବେ ତେବେ ତାହା ସୌଭାଗ୍ୟ ଆଣିଦେବ। ଏଭଳି ବିଶ୍ୱାସ କରି ଡେନ୍‌ମାର୍କର ଲୋକେ ପରିବାରର ସୁଖ ସମୃଦ୍ଧି ପାଇଁ ପ୍ଲେଟ ଭାଙ୍ଗନ୍ତି।

▶▶ଜାପାନର ଆକିଟାରେ ନୂଆବର୍ଷ ପିଲାମାନଙ୍କ ପାଇଁ ଭୟଙ୍କର ହୋଇଥାଏ। ଏଠାରେ ବୟସ୍କ ବ୍ୟକ୍ତିମାନେ ରାକ୍ଷସ ଭଳି ବେଶ ହୋଇ ପିଲାଙ୍କୁ ଦୁଷ୍ଟ ନ ହେବା ପାଇଁ କହି ଡରାଇ ଥାନ୍ତି।

▶▶ଇଟାଲୀ ଲୋକେ ଲାଲ୍ ରଙ୍ଗର ବସ୍ତ୍ର ପିନ୍ଧନ୍ତି। ଆସନ୍ତା ବର୍ଷ ଲୋକଙ୍କ ପାଇଁ ସୌଭାଗ୍ୟ ଆଣିବ ବୋଲି ସେମାନଙ୍କର ବିଶ୍ୱାସ ରହିଥାଏ।

▶▶ସ୍ପେନ୍ ଓ ଲାଟିନ୍ ଆମେରିକାରେ ଲୋକେ ବାରମାସର ପ୍ରତୀକଭାବେ ୧୨ଟି ଅଙ୍ଗୁର କାଟି ଖାଆନ୍ତି।

## ରଙ୍ଗ ଦିଅ



## ମତାମତ

❖ ଜଣା ଅଜଣା ପୃଷ୍ଠାରେ ବିଭିନ୍ନ ବିଷୟରେ ବାହାରୁଛି, ଯାହା ନିଶ୍ଚିତ ରୂପେ ପଢ଼ିବାକୁ ଭଲ ଲାଗୁଛି।

–**ରୋଜାଲିନ୍ ମହାପାତ୍ର**, ନାଳିବର, ଜଗତ୍‌ସିଂହପୁର

❖ ଭଲ୍ୟୁଣ୍ଟିୟର ପାଠଟିରୁ ପିଲାମାନେ ଛୋଟ ଛୋଟ ସାହାଯ୍ୟ ଦ୍ୱାରା କିପରି ଭବିଷ୍ୟତରେ ଭଲ୍ୟୁଣ୍ଟିୟର ହୋଇପାରିବେ, ସେ ବିଷୟରେ ଜାଣିହେଲା।

–**ଲିକୁନ୍ ରାୟ, ବାଲେଶ୍ୱର**

❖ ତୁମତୂଳୀରେ ପ୍ରକାଶିତ କ୍ରିସ୍‌ମସ୍ ଉପଲକ୍ଷେ ପ୍ରକାଶିତ ହୋଇଥିବା ଚିତ୍ରଗୁଡ଼ିକ ସୁନ୍ଦର ହୋଇଥିଲା।

–**ସରୋଜ ରାଉତ, ନୟାଗଡ଼**

## ଖିଲି ଖିଲି ହସ

ରମେଶ – ରାଜୁ ଦେଖିଲୁ ବାହାରେ ସୂର୍ଯ୍ୟ ଦେଖାଯାଉଛନ୍ତି ?
ରାଜୁ: ବାହାରେ ତ ଅନ୍ଧାର କିଛି ବି ଦେଖାଯାଉନି।
ଦିପୁ କହିଲା– ଆରେ କାମ ଚୋର, ତୁ ଟର୍ଚ୍ଚ ମାରି ଦେଖୁନୁ ସୂର୍ଯ୍ୟ ଦେଖାଯିବେ।

ଅଜୟ: ବିଜୟ, ତୁ କେମିତି କହିପାରିବୁ ଯେ ଚିଲର ଆଖି ବହୁତ ତୀକ୍ଷ୍ଣ।
ବିଜୟ: ଅଜୟ, କାହିଁକି ନା ତୁ କେବେ ତାକୁ ଚଷମା ପିନ୍ଧିଥିବାର ଦେଖିଛୁ !

ବ୍ୟକ୍ତି: ଆମ ଘର କଲିଂ ବେଲ୍ ଠିକ୍ କରିବାକୁ ମୁଁ ତୁମକୁ ଫୋନ୍ କରିଥିଲି, ହେଲେ ତୁମେ ଆସିଲନି ?
ମେକାନିକ୍: ଆଜ୍ଞା, ମୁଁ ଆପଣଙ୍କ ଘର ସାମ୍ନାରେ ଅଧ ଘଣ୍ଟା କଲିଂ ବେଲ୍ ମାରିଲି ହେଲେ କେହି କବାଟ ଖୋଲିଲେ ନାହିଁ, ସେଥିପାଇଁ ମୁଁ ଫେରି ଆସିଲି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.(0674)2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ନୂଆ ସଙ୍କଳ୍ପ

**ଆଉ ଦିନ କେଇଟା ପରେ ନୂଆବର୍ଷ । ଯା ଭିତରେ ପୁଣି ଗୋଟିଏ ବର୍ଷ ଚାଲିଗଲା। କ'ଣ ସବୁ କାମ କରିବାକୁ ପ୍ଲାନିଂ କରିଥିଲେ ଆଉ କ'ଣ ବାକି ରହିଗଲା ଏସବୁକୁ ସମୀକ୍ଷା କରି ଆଗକୁ ଯିବାକୁ ହେବ। ତେଣୁ ଏଥର ନୂଆବର୍ଷରେ ପିଲାମାନେ ପୁଣି ଥରେ ନୂଆ ସଙ୍କଳ୍ପ ନେଇ କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି...**




ନୂଆ ଆଶା ନୂଆ ସମ୍ଭାବନା ନେଇ ଆଗକୁ ଯିବାକୁ ହେଲେ ଯୋଜନା ଅନୁସାରେ ନିଜକୁ ବଦଳେଇ ନେବାକୁ ହେବ। ନିଜର ଖରାପ ଗୁଣକୁ ଛାଡି ଭଲ ଅଭ୍ୟାସକୁ ଆପଣାଇବାକୁ ହେବ। ସଫଳତାର ଏହି ମନ୍ତ୍ରକୁ ଛୋଟବେଳରୁ ଆପଣାଇ ନେଲେ ସଫଳତା ନିଶ୍ଚୟ ମିଳିବ। କୌଣସି ଅଭ୍ୟାସକୁ ବଦଳାଇ ଠିକ୍ ମାର୍ଗରେ ଚାଲିବାକୁ ହେଲେ ଦୃଢ଼ ସଙ୍କଳ୍ପ ଲୋଡ଼ା। ଏଥିପାଇଁ ନିଜକୁ ହିଁ ନିଷ୍ପତ୍ତି ନେବାକୁ ହୋଇଥାଏ। ନିଜର କେଉଁ ସବୁ ଗୁଣକୁ ବଦଳାଇବାକୁ ହେବ ତାହା ଜାଣିବା ନିହାତି ଦରକାର। ତେଣୁ ପିଲାମାନେ ଏହି ଦୃଷ୍ଟିରୁ ନିଜକୁ ସଜାଡି ନେବା ପାଇଁ ଖରାପ ଅଭ୍ୟାସ ସବୁ ବଦଳାଇବାକୁ ଚେଷ୍ଟା କରିବା ଦରକାର। ଆଉ ଜୀବନରେ ସଫଳତା ହାସଲ କରିବାକୁ ହେଲେ ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠା ଯେତିକି ଦରକାର ସେହି ଅନୁସାରେ ପ୍ଲାନିଂ ମଧ୍ୟ ଦରକାର। ତେଣୁ ନୂଆବର୍ଷରୁ ପିଲାମାନେ ନିଜର କେଉଁ ସବୁ ଗୁଣ ବଦଳାଇକୁ ନିଷ୍ପତ୍ତି ନେଇଛନ୍ତି ସେ ସମ୍ପର୍କରେ...

## ହାତରେ ତିଆରି କରିବି ଗ୍ରିଟିଂସ୍ କାର୍ଡ



ଏଥର ନୂଆବର୍ଷରେ ମୁଁ ଆଉ ମୋ ଭାଇ ମିଶି ବାବା, ମା', ଜେଜେ ବାପା ଓ ଜେଜେମା'ଙ୍କୁ ବହୁତ ବଡ଼ ସର୍ପ୍ରାଇଜ୍ ଦେବୁ ବୋଲି ଭାବିଛୁ। ତା'ସହ ଆମେ ଦୁହେଁ ମିଶି ନିଜ ହାତରେ ଗ୍ରୀଟିଂସ୍ କାର୍ଡ ତିଆରି କରି ବାବା, ମାମା ଓ ସାଙ୍ଗମାନଙ୍କୁ ଦେବୁ। ମୋ ଜେଜେବାପା ଓ ଜେଜେମା'ଙ୍କ ଦେହ ଏବେ ଭଲ ରହୁ ନ ଥିବାରୁ ସେମାନେ ବାହାରକୁ ବୁଲିବାକୁ ଯାଇପାରୁ ନାହାନ୍ତି। ତାଙ୍କୁ ଛାଡି ଆମେ ଯଦି ବାହାରକୁ ଯାଇ ନୂଆବର୍ଷ ପାଳନ କରିବୁ, ସେମାନେ ଏକୁଟିଆ ହୋଇଯିବେ। ତେଣୁ ଆମେ ଘରେ ହିଁ ସମସ୍ତେ ମିଶି ଏଥର ନୂଆବର୍ଷ ପାଳନ କରିବୁ। ବଡ଼ମାନଙ୍କର ଆଶୀର୍ବାଦ ନେବୁ। ପରିବାର ଲୋକଙ୍କ ସହ ମିଶି ନୂଆବର୍ଷ ପାଳନ କଲେ ବହୁତ ମଜା ଲାଗିବ।

**–ଆଦ୍ୟାଶ୍ରୀ ବେହେରା**
କ୍ଲାସ– ୨, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୋଲଗଡ, ଖୋର୍ଦ୍ଧା

## ମୋବାଇଲ୍ ଡିଟାକ୍ସ



ପାଠପଢ଼ିବା ଛାଡି ମୋବାଇଲ୍ ଫୋନ୍ ଆଦୌ ଧରିବି ନାହିଁ ବୋଲି ଏଥର ନୂଆବର୍ଷରେ ସଙ୍କଳ୍ପ ନେଇଛି। ମୋବାଇଲ୍ ଥରେ ଧରିଲେ ଯେମିତି ନିଶା ଭଳି ଟାଣି ହେଇ ରହିଯାଉଛି ବୋଲି ମତେ ମାମା ସବୁଦିନେ ଗାଳି ଦଉଛି। ତେଣୁ ମୋବାଇଲ୍‌ଠୁ ଦୂରେଇ ରହିବି। ଏମିତିକି ସ୍କୁଲରେ ଅବା ସାଙ୍ଗମାନେ କେହି ପାଠ ପଠେଇଲେ ବି ବାବାଙ୍କୁ କହି ଜେରକ୍ସ ଆଣି ପଢିବି ବୋଲି ଭାବିଛି। ବେଶି ନ ହେଲେ ବି କେବଳ ପାଠପଢ଼ାକୁ ଛାଡି ଅନ୍ୟ ସମୟରେ ଫୋନ୍‌ରେ କିଛି ବି ସର୍ଟ୍ସ କିମ୍ବା ଅନ୍ୟ କିଛି ଦେଖିବି ନାହିଁ। ଏଇ କାମଟା ମୋ ପାଇଁ ବହୁତ କଷ୍ଟକର ହେବ ବୋଲି ଜାଣିଛି ହେଲେ ଚେଷ୍ଟା କରି ମୋ ନିଷ୍ପତ୍ତିରେ ଦୃଢ଼ ରହିବି ବୋଲି ଭାବିଛି। ଯଦି ପୁରା ଛାଡି ହବନି ତାହେଲେ ଥରେ ଟିକିଏ ସମୟ ଖାଲି ଗ୍ରୁପ୍ ଚେକ୍ କରି ତା ପରେ ପଢିବି।

**– ରିତିକ୍ ପ୍ରସାଦ ବେହେରା**
କ୍ଲାସ–୭, ଶ୍ରୀ ଅରବିନ୍ଦ ଇଣ୍ଟେଗ୍ରାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ ସେଣ୍ଟର, ତେଲେଙ୍ଗାପେଣ୍ଠ, କଟକ

## ଅଧିକ ସମୟ ପଢ଼ିବି



ଏଥର ନୂଆବର୍ଷରୁ ୨ ଘଣ୍ଟା ଲେଖାଏ ଅଧିକ ସମୟ ପଢ଼ିବି। ତେଣୁ ଏଥିପାଇଁ ମୋତେ ରାତିରେ ହିଁ ସମୟ ବାହାର କରିବାକୁ ହେବ। ସକାଳେ ଟିୟୁସନ୍ ଓ ତା'ପରେ ସ୍କୁଲରୁ ଫେରିବା ପରେ କିଛି ସମୟ ଖେଳିବାକୁ ଯାଏ। ସନ୍ଧ୍ୟାବେଳେ ହିଁ ମତେ ହୋମୱାର୍କ କରିବା ଓ ପ୍ରାକ୍ଟିସ୍ କରିବାକୁ ହୁଏ। ତେଣୁ ଏହି ସମୟରେ ଘଣ୍ଟାଏ ଅଧିକ ଓ ସକାଳୁ ଭୋରରୁ ଘଣ୍ଟାଏ ପଢିବି ବୋଲି ଚିନ୍ତା କରିଛି। ଧୀରେ ଧୀରେ ଏହି ପଢ଼ିବା ସମୟ ମତେ ବଢ଼ାଇବାକୁ ବି ପଡ଼ିବ। ତେଣୁ ଏବର୍ଷ ଅଭ୍ୟାସ ହୋଇଗଲେ ଆରବର୍ଷକୁ ପଢ଼ିବା ସମୟ ଆଉ ବଢ଼େଇବି ବୋଲି ଭାବିଛି। ଯେତେ କଷ୍ଟ ହେଲେ ବି ପଢ଼ିବା ସମୟ ବଢ଼େଇବି ବୋଲି ମନକୁ ଦୃଢ଼ କରିଛି।

**– ମନିଷା ପୁହାଣ**
କ୍ଲାସ– ୬, ନାରାୟଣ ସ୍କୁଲ, ବାଲିଅନ୍ତା, ଭୁବନେଶ୍ୱର

## ସବୁ ଏକ୍ସରସାଇଜ୍ କରିବି



ଏଥର ଯାହା ବି ହେଉ ମୁଁ କିନ୍ତୁ ସବୁଦିନ ଯୋଗ ଓ ଏକ୍ସରସାଇଜ୍ କରିବି। ବେଶି ନ ହେଲେ ଅତିକମ୍‌ରେ ୧୫ ମିନିଟ୍ ବି ହେଉ ସମୟ କାଢିବି। ଏଥିପାଇଁ ମତେ ସକାଳୁ ଶୀଘ୍ର ଉଠିବାକୁ ହେବ ଏକଥା ବି ଜାଣିଛି। ସକାଳ ୬ଟାରେ ଟିୟୁଶନ୍ ଯିବା ପୂର୍ବରୁ ମତେ ନିତ୍ୟକର୍ମ ସାରିବା ସହିତ ଯୋଗ କରିବାକୁ ହେବ। ସେଥିପାଇଁ ସବୁଦିନ ୫ଟା ବେଳକୁ ଉଠିବି। ଆଉ ତା'ପରେ ଏକ୍ସରସାଇଜ୍ କରିବି। କୌଣସି ପ୍ରକାରର ଏକ୍ସରସାଇଜ୍ କରୁନାହିଁ ବୋଲି ମୋ ଓଜନ ଟିକେ ଅଧିକ ହୋଇଯାଇଛି। ସେଥିପାଇଁ ମାମା ମତେ ଏକ୍ସରସାଇଜ୍ କରିବା ସହିତ ସାଇକେଲ୍ ଚଲାଇବାକୁ କହୁଛି। ଏବେ ଠୁ ମୁଁ ଏସବୁ କାମ କରିବା ଆରମ୍ଭ କରିଦେଇଛି। ତେବେ ନୂଆବର୍ଷରୁ ବିଧିବଦ୍ଧଭାବେ ସବୁଦିନ ଅଧିକ ସମୟ ଏକ୍ସରସାଇଜ୍ କରିବି ବୋଲି ଭାବିଛି।

**– ଦିବ୍ୟାଂଶୁ ନାୟକ**
କ୍ଲାସ–୬, ରୟାଲ ପବ୍ଲିକ ସ୍କୁଲ, ନହରକଣ୍ଟା, ଭୁବନେଶ୍ୱର

## ନୂଆ ସଙ୍କଳ୍ପ ନେବି



ନୂଆବର୍ଷ ପାଇଁ ମୁଁ ବୁଲାବୁଲି ଆରମ୍ଭ କରିସାରିଲିଣି। ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରି ସାରିଛି। ନିଜ ଗାଁ ବ୍ରହ୍ମପୁର ବି ଯାଇଥିଲି। ମାମୁଘର, ମାଉସୀ ଓ ପିଉସୀଙ୍କ ଘରକୁ ବି ଯିବି। ତା'ସହ କିଛି ନୂଆ ସଙ୍କଳ୍ପ ନେବି ବୋଲି ଭାବିଛି। ଏଇ ଯେମିତି ପ୍ରତିଦିନ ରାତିରେ ଶୀଘ୍ର ଖାଇକି ଶୋଇବି, ସକାଳୁ ସକାଳୁ ଉଠିବାକୁ ଚେଷ୍ଟା କରିବି, ନିୟମିତ ଯୋଗ କରିବି, ଜଙ୍କ୍‌ଫୁଡ୍ ଖାଇବିନି, ମାମା ଘରେ ଯାହା ହେଲ୍‌ଦି ଖାଦ୍ୟ କରିକି ଦେବେ ଖାଇବି। ମୋବାଇଲ୍ ବ୍ୟବହାର କମ୍ କରିବି ଆଉ ଠିକ୍ ସମୟରେ ପାଠ ପଢିବି।

**– ଶ୍ରେୟାଶୀ ପ୍ରିୟା ପଣ୍ଡା**
କ୍ଲାସ– ୫, ୟୁରୋ ସ୍କୁଲ, ଇ ସିଟି ବେଙ୍ଗାଲୁରୁ

# କଳିକା

**ଚଳିତ ବର୍ଷ ପିଲାଙ୍କ ଧରିତ୍ରୀରେ ଅନେକ ଶିଶୁ ପ୍ରତିଭାଙ୍କ ସମେତ ଆଇନା ସ୍ତମ୍ଭରେ ବହୁ କୁନି କୁନି ମଡେଲଙ୍କ ଫଟୋ ପ୍ରକାଶ ପାଇଛି। ସେଥି ମଧ୍ୟରୁ ନିର୍ବାଚିତ କେତେକ ପ୍ରତିଭା ଓ ମଡେଲଙ୍କ ଫଟୋକୁ ସ୍ଥାନିତ କରାଯାଉଛି...**


କୋମଳ କ୍ରିଷ୍ଣା

**ଡି**ଏଭି ସ୍କୁଲରେ ଷଷ୍ଠ ଶ୍ରେଣୀର ଛାତ୍ରୀ **କୋମଳ କ୍ରିଷ୍ଣା**। ଭୁବନେଶ୍ଵରର ରଘୁନାଥପୁରରେ ରହୁଛନ୍ତି। ବାପା ବିଶ୍ଵଜିତ୍ ବରାଳ ସିଲିକନ୍ ୟୁନିଭର୍ସିଟିର ପ୍ରଫେସର ଅଛନ୍ତି। ମା' ପ୍ରିୟଦର୍ଶିନୀ ଦାଶ ଗୃହିଣୀ। ପାଠପଢ଼ା ସାଙ୍ଗକୁ ସୁଇମିଂ କ୍ଷେତ୍ରରେ କୋମଳ ଏବେ ଜିଲା ତଥା ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତକାର୍ଯ୍ୟ ହୋଇଛନ୍ତି।

**ଡି**ଏଭି ନ୍ୟାଶନାଲ ସ୍ପୋର୍ଟ୍ସ କ୍ଲଷ୍ଟର/ଜୋନାଲ ଟୁର୍ନାମେଣ୍ଟ ୨୦୨୫-୨୬ର ଅଣ୍ଡର ୧୪ କାଟାଗୋରିରେ ସେ ୪ଟି ଇଭେଣ୍ଟରେ ଭାଗ ନେଇ ସ୍ଵର୍ଣ୍ଣ ପଦକ ହାସଲ କରିଛନ୍ତି। ୨୦୦ ମିଟର ଫ୍ରି ଷ୍ଟାଇଲ, ୨୦୦ ମିଟର ଆଇଏମ୍, ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍ ଓ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସେ ଏହି ସଫଳତା ହାସଲ କରିଛନ୍ତି।ସୁଇମିଂ ପାଇଁ ଏତେ ସମୟ ଦେଉଥିଲେ ବି ସେ ଭଲ ପାଠ ପଢ଼ନ୍ତି।


ଆର୍ଯ୍ୟନ ମହାନ୍ତି

**ଆର୍ଯ୍ୟନ ମହାନ୍ତି** ରାଜ୍ୟସ୍ତରୀୟ ଏବଂ ଇନ୍ଦୋର ଏବଂ ଦିଲ୍ଲୀରେ ଆୟୋଜିତ ଜାତୀୟ ଟେବୁଲ ଟେନିସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ଜିତିଛନ୍ତି। ସତ୍ୟଜିତ ମହାନ୍ତି ଏବଂ ପ୍ରତୀକ୍ଷା ଦାସଙ୍କର ଏହି ପୁତ୍ର ଜାତୀୟ ସ୍ତରରେ ଟେବୁଲ ଟେନିସ ଟୁର୍ନାମେଣ୍ଟରେ ଅଂଶଗ୍ରହଣକ କରି ଦୁଇ ଥର ବ୍ରୋଞ୍ଜ ପଦକ ହାସଲ କରଛନ୍ତି। ବିଭିନ୍ନ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କାର ହାସଲ କରିଛନ୍ତି।


ଆୟୁଷ୍ମାନ୍ ମହାନ୍ତି

**ପୁ**ରୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର **ଆୟୁଷ୍ମାନ ମହାନ୍ତି**। ଚେସ୍ ଖେଳରେ ସେ ରାଜ୍ୟ ତଥା ଜାତୀୟ ଚେସ୍ ଚାମ୍ପିୟନଶିପ୍‌ରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ବିଶ୍ଵଜିତ ମହାନ୍ତି ଏବଂ ଅଭୟାରତ୍ନା ରାଉତରାୟଙ୍କର ଏହି ପୁତ୍ର ୨୦୧୮ରେ ଜାତୀୟ ସାତ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଓ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି।


ମହେଶ ହନ୍ତାଳ

**ମହେଶ ହନ୍ତାଳ**। ଜଣେ ମେଧାବୀ ଛାତ୍ର ସାଙ୍ଗକୁ ଜୁଡୋ ଖେଳରେ ସ୍ଵତନ୍ତ୍ର ପ୍ରତିଭା। ମହେଶଙ୍କ ବୟସ ମାତ୍ର ୧୩ ବର୍ଷ। ଅଷ୍ଟମ ଶ୍ରେଣୀର ଛାତ୍ର। ଘର ମାଲକାନଗିରି ଖଇରପୁଟ ବ୍ଲକ ବଣ୍ଡାଘାଟି ମୁଦୁଲିପଡା ପଞ୍ଚାୟତ ଅନ୍ତର୍ଗତ ବଡପଡା ଗାଁରେ। ବଣ୍ଡା ଜନଜାତିର ଏକ ଆଦିବାସୀ ପରିବାରରେ ମହେଶଙ୍କ ଜନ୍ମ। ଛୋଟବେଳରୁ ମା'ବାପା (ସମାରି, ଲକିନାଥ ହନ୍ତାଳ) ଉଭୟଙ୍କୁ ହରାଇଛନ୍ତି ସେ। ଅଭାବ ଅନଟନରେ ବଡ ହୋଇଛନ୍ତି ସତ ହେଲେ ପାଠପଢା ସହିତ ଜୁଡୋ ଖେଳରେ ତାଙ୍କର ଦକ୍ଷତାକୁ ରାଜ୍ୟ ତଥା ଆନ୍ତର୍ଜାତୀୟ ସ୍ତରରେ ସ୍ଵୀକୃତି ମିଳିଛି।। ରାଜ୍ୟସ୍ତରୀୟ ସବ୍‌ଜୁନିଅର ଜୁଡୋ ଚମ୍ପିଆନସିପ୍ ୨୦୨୫ରେ ସେ ସ୍ଵର୍ଣ୍ଣ ପଦକ ହାସଲ କରି ବିଦ୍ୟାଳୟ ତଥା ଜିଲ୍ଲାର ନାମ ଉଜ୍ଵଳ କରିଛନ୍ତି।


ନୀତିନଜିତ

**ନୀତିନଜିତ୍ ସାହୁ** ଭଦ୍ରକସ୍ଥିତ ଏସ୍‌ବିଡି ଇଣ୍ଟର ନ୍ୟାଶନାଲ ସ୍କୁଲ୍‌ର ସପ୍ତମ ଶ୍ରେଣୀର ଛାତ୍ର। ଏତେ କମ୍ ବୟସରେ ସେ ନିଜ ନାମକୁ ଜଣେ କନିଷ୍ଠ ଲେଖକ ଭାବରେ ଇଣ୍ଟରନ୍ୟାଶନାଲ ବୁକ୍ ରେକର୍ଡରେ ସ୍ଥାନିତ କରିବାରେ ସକ୍ଷମ ହୋଇଛନ୍ତି। ସେ ରଚନା କରିଥିବା 'ଦ ଲାଷ୍ଟ ଏକ୍‌ଜାମ' (The Last Exam) ଭଳି ଏକ ମୋଟିଭେଶନାଲ ପୁସ୍ତକ ୟୁପିଏସ୍‌ସି ପରୀକ୍ଷାର୍ଥୀଙ୍କୁ କେତେକାଂଶରେ ସହାୟକ ହେବ ବୋଲି ତାଙ୍କର ଦୃଢ଼ ବିଶ୍ଵାସ ରହିଛି। ଭଦ୍ରକ ଜିଲା ବାଙ୍ଗୋରପଦୀ ଅନ୍ତର୍ଗତ ବନ୍ତରେ ତାଙ୍କର ଜନ୍ମ। ବିଭିନ୍ନ ଅଲିମ୍ପିଆର୍ଡ ପରୀକ୍ଷାରେ ମଧ୍ୟ ଭାଗ ନେଇ ଭଲ ର୍‍ୟାଙ୍କର ଅଧିକାରୀ ହୋଇଛନ୍ତି।


ସାଇ ଶୁଭଶ୍ରୀ ସାହୁ

**ଯୋ**ଗାସନ କ୍ଷେତ୍ରରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରର ପ୍ରତିଭା ହେଉଛନ୍ତି **ସାଇ ଶୁଭଶ୍ରୀ ସାହୁ**। ଘର କଟକର ବାଙ୍କୀସ୍ଥିତ ଗୋପାଳପୁରରେ। ବାପାଙ୍କ ନାଁ ବିଚିତ୍ର କୁମାର ସାହୁ ଓ ମା'ଙ୍କ ନାମ ସୁଭଦ୍ରା ସାହୁ। ଲଗାତର ଭାବେ ସେ ୫ ବର୍ଷ ହେଲାଣି ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଆସୁଛନ୍ତି। ଏହା ବ୍ୟତୀତ ଓଡ଼ିଆ ଟେଲିଭିଜନ୍ ରିୟଲିଟି ଶୋ' ଦିଦି ନଂ-୧ରେ ମଧ୍ୟ ଭାଗ ନେଇ ସେ ନିଜ କଳା ପ୍ରତିଭା ପ୍ରଦର୍ଶନ କରି ପାରିଛନ୍ତି।


ଧର୍ମିଷ୍ଠା ସୁଜାନ୍ ବେହେରା

**କ**ରାଟେ ତଥା ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସ୍ଵତନ୍ତ୍ର ପ୍ରତିଭା ହେଉଛନ୍ତି ଧର୍ମିଷ୍ଠା ସୁଜାନ୍ ବେହେରା। ବାପା ସନ୍ତୋଷ କୁମାର ବେହେରା ଓ ସୁଜାଙ୍କର ଏହି କନ୍ୟା ମିଆଁପୁରଠାରେ ଥିବା ଦିଲ୍ଲୀ ପବ୍ଲିକ ସ୍କୁଲର ଷ୍ଟାଣ୍ଡାର୍ଡ-୮ର ଛାତ୍ରୀ। ଏହା ବ୍ୟତୀତ ତାଙ୍କୁ କ୍ୟାରମ୍, ବ୍ୟାଡମିଣ୍ଟନ, ବାସ୍କେଟବଲ, ସାଇକେଲିଂ, ରନିଂ ଏବଂ କ୍ରିକେଟ୍ ଆଦି ଖେଳରେ ଅନେକ ପୁରସ୍କାର ପାଇଛନ୍ତି।


ଶୁଭାଂଶି


ରିୟାଂଶ


ଖାଜେ ସାକିବ୍

ପ୍ରାଦନ୍ୟା

ପ୍ରିୟାଂଶୁ

ଅଦ୍ଵୀକା

ମହାଶ୍ରୀ


ଆଞ୍ଚଲ

ଶିବି

ରୁଆନି

ଆହାନା




# କବିତା

## ଯାଉଛି ବିଦାୟ ନେଇ

ବରଷକ ଧରି ତୁମ ସାଥେ ଚାଲି
ସୁଖ ଦେଇ ଦୁଃଖ ଦେଇ
ଶିଶିରରେ ଭିଜା ଅଧରାତିଟାରେ
ଯାଉଛି ବିଦାୟ ନେଇ ।
ଆସିଥିଲା ବେଳେ ନୂଆ ସକାଳରେ
ହସୁଥିଲେ ଫୁଲ ଫଳ
ଆଗାମୀ ଦିନର ଆଶା ଭରସାରେ
ଭରିଥିଲା ଦେହେ ବଳ ।
ସବୁ ଦିନ ପରା ସମାନ ଯାଏନି
ହରଷ ପରଶେ ବିତି
ଜଗି ଚଳେ ଯିଏ କରମକୁ, ଯାଏ
ସମୟ ସୁଅରେ ଜିତି ।
ଆଜି ଯାହା ନୂଆ କାଲିକି ପୁରୁଣା
ହେବ, ଦୁନିଆର ରୀତି
ଆଜି ତୁମେ ଶିଶୁ ନୂଆ କଳପନା
ଆଚରିବ ସେବା ନୀତି ।
ଦେଇଗଲି ଯେଉଁ ଦରଦ ତୁମକୁ
ଭୁଲିଯିବ ଗୀତ ଗାଇ
ଭଲ ପାଠ ପଢ଼ି ସୁନାମ ରଖ, ମୁଁ
ଯାଉଚି ବିଦାୟ ନେଇ ।

**– ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ମୋ : ୯୦୯୦୩୩୦୮୫୯

## ସ୍ୱାଗତମ୍ ନୂଆବର୍ଷ

ଶୀତ ସକାଳରେ ନୂଆ ବରଷ
ମନେ ଭରିଦେବ ନୂଆ ହରସ
ହସିବ ସହର ହସିବ ଗାଆଁ
ରଙ୍ଗୀନ୍ ଦିଶିବ ସାରା ଦୁନିଆ ।
ଝଲସି ଉଠିବ ଛକ ବଜାର
ତୋରଣ ସାଙ୍ଗକୁ ଗଜରାମାଳ
କେତେ ପ୍ରକାରର ଶୁଭେଚ୍ଛା ବାର୍ତ୍ତା
ତା'ସାଙ୍ଗକୁ ଥିବ ଭୋଜି ବ୍ୟବସ୍ଥା ।
ଶୁଭ ନବବର୍ଷ ଶୁଭକାମନା
ମୋବାଇଲ୍ ସାରା ଭରିବ ସିନା
ବଡଦେଉଳରେ ବଡ ଗହଳି
ବଣଭୋଜି ସ୍ଥଳେ ବନ୍ଧୁଙ୍କ ମେଳି ।
ସଞ୍ଜକୁ ଜମିବ ଗୀତ ଆସର
କାଲୁଆ ଜାଡକୁ ନରଖି ଡର
ନୂଆ ବରଷରେ ଶପଥ ନେବା
ଆମ ପରିବେଶ ସଫା ରଖିବା ।

**– ଜୟଦେବ ବେହେରା**
ମୋ: ୯୫୫୬୭୨୩୦୭୩

## ଆସୁଛି ନୂଆ

ପୁରୁଣା ଯାଇ ଆସୁଛି ନୂଆ
ଖୁସି ଆନନ୍ଦ ଆଣି,
ଶୁଭ ସକାଳ ଆଗମନେ ତା'
ଡାକରା ଶୁଭିଲାଣି ।
ପୁରୁଣା କଥା ମନରୁ ଭୁଲି
ବାଣ୍ଟିବା ଶ୍ରଦ୍ଧା ପ୍ରୀତି,
ଭାଇଚାରାରୁ ଝରି ପଡ଼ିବ
ମଧୁମାସର ମୋତି ।
ମିଳିମିଶିକି କରିବା ଭୋଜି
କାଟିବା ସୁଖେ ଦିନ,
ରହିବ ନାହିଁ ବାଦ ବିବାଦ
ବରଷ ଯାକ ଜାଣ ।
ଶପଥ ନେବା ନୂଆ ବରଷେ
ହୋଇବା ଭଲ ପିଲା,
ଯଶ ବ୍ୟାପିବ କୁସୁମ ପରି
ଗାଆଁ ରାଇଜ ଜିଲା ।

**– ସୁଜିତ କୁମାର ମିଶ୍ର**
ମୋ: ୭୬୮୩୮୬୭୭୪୨

## ସ୍ମରଣୀୟ ନୂଆବର୍ଷ


ସବୁଥର ପରି ଏଥରକ ତୁମେ
ଧରାକୁ ଆସୁଛ ନୂଆ ବରଷ,
ତୁମ୍ଭଙ୍କୁ ସ୍ୱାଗତ ଜଣାଇବା ପାଇଁ
ଚାହିଁଛନ୍ତି ସର୍ବେ ହୋଇ ହରଷ ।
ସଂକଳ୍ପ ନେଇ ଆସ ନୂଆବର୍ଷ
ସବୁ ବର୍ଷଠାରୁ ହେବ ନିଆରା,
ହସାଇ ରସାଇ ଫେରିଯିବ ଯେବେ
ଝୁରିବେ ତୁମକୁ ଜଗତ ସାରା ।
ରୋଗ କଷ୍ଟ ଶୋକ ଦୁଃଖ ଦୁର୍ବିପାକ
ବନ୍ୟା ବାତ୍ୟା ଭୂମିକମ୍ପ ମରୁଡ଼ି,
ପ୍ରାକୃତିକ ବିପର୍ଯ୍ୟୟ ଯେତେ ସବୁ
ଆପଣା ବାଟରେ ଯାଉ ବାହୁଡ଼ି ।
ଦେଶ-ଦେଶ ମଧ୍ୟ ଯୁଦ୍ଧ ବିଭୀଷିକା
ଦୂର କରିଦିଅ ନୂଆ ବରଷ,
ଶାନ୍ତି, ସଦ୍ଭାବନା, ଭ୍ରାତୃତ୍ୱ ଭାବନା
ପ୍ରତିଷ୍ଠା ନିମନ୍ତେ କର ପ୍ରୟାସ ।

**– ମାଧବୀଲତା ଦେଈ**
ମୋ: ୯୬୯୨୪୮୩୩୭୭

## ନୂଆ ରାଜା ତୁମେ

ନୂଆ ରାଜା ତୁମେ ବରଷକ ପାଇଁ
ଆସିଛ ମଥାରେ ପଗଡ଼ି ବାନ୍ଧି
ଦେବ ନାହିଁ କାହା ମନରେ କଷଣ
ସ୍ନେହ ପ୍ରେମ ଡୋରେ ଦେବଟି ଛନ୍ଦି ।
ପାଳିବ ଯତନେ ଏ ମରତ ଭୂଇଁ
ଶସ୍ୟ ଶ୍ୟାମଳାରେ ଦେବଟି ଭରି
ସମୟେ ବରଷା ସମୟରେ ଶୀତ
ସମୟେ ଖରାକୁ ଆଣିବ ଧରି ।
ନ ଥିବ ମରୁଡ଼ି ନ ଥିବ ବନ୍ୟା
ନ ଥିବ ବାତ୍ୟାର ଭୟ କା'ମନେ,
ଅଂଶୁଘାତ ଭୟ ନ ଥିବ କାହାର
ଯୁଦ୍ଧ ଭୟ ଦୂର ହେଉ ଭୁବନେ ।
ଶାନ୍ତି, ମୈତ୍ରୀ, ପ୍ରୀତି, ଗୀତି କବିତାରେ
ତୁମ ନାମ ଲେଖ ସ୍ୱର୍ଣ୍ଣ ଅକ୍ଷରେ,
ଯଶ ରହିଥାଉ ଅମଳିନ ହୋଇ
କାମ କରିଯାଅ ନିଷ୍କପଟରେ ।

**– ପ୍ରଶାନ୍ତ କୁମାର ସାହୁ**
ମୋ: ୯୭୭୭୦୯୦୦୫୬




## ଏଥରର

- ଆମେରିକାର ପ୍ରଥମ 'ଆମେରିକାନ୍ ଆଇଡଲ' ବିଜେତାଙ୍କ ନାମ ?
- ଟାଇଲର୍ ସୁଇଫ୍ଟଙ୍କ ଲକି ନମ୍ବର କେଉଁଟା ?
- ରକ୍ ଆଣ୍ଡ ରୋଲ୍‌ରେ ସାମିଲ ହୋଇଥିବା ପ୍ରଥମ ମହିଳାଙ୍କ ନାମ ?
- 'ବ୍ୟାଟମ୍ୟାନ୍' କମିକ୍ ବହିଟି ପ୍ରଥମେ କେଉଁ ମସିହାରେ ପ୍ରକାଶ ପାଇଥିଲା ?
- ଜୁରାସିକ୍ ପାର୍କ ପ୍ରଥମେ ଥିଏଟରରେ କେଉଁ ମସିହାରେ ରିଲିଜ୍ ହୋଇଥିଲା ?

## ଗତଥରର ଉତ୍ତର

- ଚାଇନା
- ଇଟାଲୀ
- ୩୬୦ ଡିଗ୍ରୀ
- ଆଲୋକ
- ସାଲୀ ରାଇଡ୍



## କହିଲ ଦେଖି

ଡିସେମ୍ବର ମାସ ଶେଷରେ ଆସେ
ଶୁଭେଚ୍ଛା ଆସଇ ସଭିଙ୍କ ପାଶେ
ହୁଏ କେତେ ଭୋଜି ଭାତ,
କେଉଁ ଦିନ ତୀର୍ଥ ଦର୍ଶନ କରନ୍ତି
ସତେ, ସଭିଙ୍କ ବିଖ୍ୟାତ ଯାତ ।

**ଉତ୍ତର – ନୂଆ ବର୍ଷ**



ସଂଖ୍ୟା ଚାରୋଟିକୁ ମିଶାଇ ଦେବ
ଦୁଇ ଅଙ୍କ ସାନ ସଂଖ୍ୟାଟି ହେବ ।
ପ୍ରଥମ ତୃତୀୟ ସମାନ ସଂଖ୍ୟା,
ସବୁ ଯୁଗ୍ମ ସଂଖ୍ୟା ପାଇବେ ଆଖ୍ୟା ।
ସଂଖ୍ୟାଟି ଲେଖ,
କେଇ ଦିନ ପରେ ଆସୁଛି ଦେଖ ।

**ଉତ୍ତର – ୨୦୨୬**




ବାର ଭାଇରୁ ଏ ସବୁଠୁ ବଡ଼
ଏ ଭାଇ ଅମଳେ ବହୁତ ଜାଡ଼ ।
ଇଏ ଆଣିଥାଏ ବହୁତ ଖୁସି,
ଶସ୍ୟ ଅମଳରେ ଲାଗିଛି ଚାଷୀ ।
ଏ କେଉଁ ମାସ ?
ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା
ଧ୍ୱଜା ଉଡ଼ାଇବା ଆସ ।

**ଉତ୍ତର – ଜାନୁଆରୀ**




ଦିନରେ ସ୍ୱେଟର ରାତିରେ ସାଲ୍
ବିଗିଡି ଗଲାଣି ଗରିବ ହାଲ୍
ପଦାକୁ ଯିବାକୁ ଲାଗୁଛି ଡର
ଚାଷୀ ମୂଲିଆକୁ ନାହିଁ ତ ତର ।
ଏ କେଉଁ ଋତୁ ?
ନୂଆ ଆସି ସୁଖେ ଦିନଟି ବିତୁ ।


**ଉତ୍ତର– ଶୀତ ଋତୁ**



**– କବିଜ୍ୟୋତି ନିରଞ୍ଜନ ପତି**
ବାଇଁଶିଆ, ମହିମା ଗାଦି, ଢେଙ୍କାନାଳ
ମୋ: ୯୯୩୮୧୩୩୫୫୯

## ଦାମୀ ପରିବା

ପୃଥିବୀରେ ଏମିତି ପରିବା ଅଛି ଯାହାର ଦାମ୍ ଜାଣିଲେ ତୁମେମାନେ ଆଶ୍ଚର୍ଯ୍ୟ ହୋଇଯିବ। ଏହି ପରିବାର ନାମ ହେଉଛି ଗୁଚ୍ଛି ମଶରୁମ୍। ଏହି ମଶରୁମ୍ ବା ଛତୁ ସବୁଠାରୁ ଦାମୀ ଏବଂ ପ୍ରାକୃତିକ ରୂପରେ ଫଳୁଥିବା ପରିବା। ଜମ୍ମୁ କଶ୍ମୀର ଏବଂ ହିମାଚଳ ପ୍ରଦେଶରେ ଏଭଳି ଛତୁ ମିଳିଥାଏ, ଯାହାର କିଗ୍ରା ପ୍ରତି ଦାମ୍ ହେଉଛି ୩୦,୦୦୦ରୁ ୪୦,୦୦୦ଟଙ୍କା। ଏହାର ଦାମ୍ ଏତେ ହେବା ପଛରେ ସେପରି କାରଣ ମଧ୍ୟ ରହିଛି। କାରଣ ଏହାକୁ ଚାଷ କରାଯାଏନି। ଉକ୍ତ ଛତୁ ସାଧାରଣତଃ ଅତି ଥଣ୍ଡା ପରିବେଶ ଏବଂ ବରଫ ଅଞ୍ଚଳରେ ମିଳିଥାଏ। ଖାଦ୍ୟ ଭାବରେ ମଧ୍ୟ ଏହାର ଢ଼େର ଚାହିଦା ରହିଛି। ଏଥିରେ ପ୍ରୋଟିନ୍, ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍, ମିନେରାଲ୍ସ ଭରପୂର ମାତ୍ରା ଭରି ରହିଛି। ଏହା ହୃଦ୍‌ଜନିତ ସମସ୍ୟା, ଡାଇବେଟିସ୍‌କୁ କେତେକାଂଶରେ ନିୟନ୍ତ୍ରଣ କରିବା ସହିତ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ।



# ଟିଭି ଚାରିକୋଣିଆ କାହିଁକି

ଟିଭି ସବୁବେଳେ ଆୟତକାର ହୋଇଥାଏ କାହିଁକି? ଏହାର ପଛରେ ସେଭଳି କାରଣ ମଧ୍ୟ ରହିଛି। ଟିଭିର ଆକାର ଯଦି ଗୋଲାକାର କିମ୍ବା ତ୍ରିକୋଣାକାର ହୁଏ ତେବେ ଏଥିରେ ଦେଖାଯାଉଥିବା ଦୃଶ୍ୟାବଳୀର କେତେକ ଅଂଶ କଟିଯାଇଥାଆନ୍ତା। ପ୍ରଥମେ ଟିଭିର ସମ୍ମୁଖ ଭାଗ ଆକାର ଚେପ୍‌ଟା ଏବଂ ଅର୍ଦ୍ଧଗୋଲାକାର ସଦୃଶ ଥିଲା। ୧୯୫୦ରେ ଟିଭିର ଏଭଳି ଆକାରରେ ପରିବର୍ତ୍ତନ ହେଲା, ଆଉ ତାହାକୁ ଆୟତାକାର କ୍ଷେତ୍ର ପରି କରାଯାଇଥିଲା। ସମୟକ୍ରମେ ଟିଭିର ସମ୍ମୁଖଭାଗ ଏବଂ ଭିତର ଡିସ୍‌ପ୍ଲେରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ତା'ସହ ଏହାର ଟେକ୍ନୋଲୋଜିରେ ମଧ୍ୟ ନୂଆ କୌଶଳ ପ୍ରୟୋଗ କରାଯାଇଛି। ପ୍ରଥମେ ଟିଭିର ଦୃଶ୍ୟାବଳୀ କଳା-ଧଳା ଭାବରେ ଦେଖିବାକୁ ମିଳୁଥିଲା। କିନ୍ତୁ ସମୟ ବଦଳିବା ସହ ରଙ୍ଗୀନ ଟିଭି ତିଆରି ହେବା ପରେ ଏବେ ଏହାର ଚାହିଦା କାହିଁରେ କେତେ।



## ଜଣା ଅଜଣା

### ଜାଣିଛ କି

| | |
|---|---|
| 'ଇନ୍‌କଲାବ୍ ଜିନ୍ଦାବାଦ୍' ସ୍ଲୋଗାନ ପ୍ରଥମେ କିଏ ଦେଇଥିଲେ | ଭଗତ୍ ସିଂହ |
| 'ତୁମେ ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି' କିଏ କହିଥିଲେ | ସୁଭାଷ ଚନ୍ଦ୍ର ବୋଷ |
| 'ସାରେ ଯାହାଁସେ ଆଚ୍ଛା ହିନ୍ଦୁସ୍ତାନ ହମାରା'ର ରଚୟିତା | ମହମ୍ମଦ ଇକ୍‌ବାଲ୍ |
| ସରଫରୋଶୀ କା ତମନ୍ନା ଅବ୍ ହମାରେ ଦିଲ୍ ମେଁ ହେ ଗୀତର ଲେଖକ | ରାମ ପ୍ରସାଦ ବିସ୍‌ମିଲ୍ |
| ପୂର୍ଣ୍ଣ ସ୍ୱରାଜ ସ୍ଲୋଗାନ୍ ପ୍ରଥମେ କିଏ ଦେଇଥିଲେ | ଜବାହାରଲାଲ ନେହେରୁ |
| 'ସ୍ୱରାଜ ଆମର ଜନ୍ମସିଦ୍ଧ ଅଧିକାର' କିଏ କହିଥିଲେ | ବାଲ୍ ଗଙ୍ଗାଧର ତିଲକ୍ |
| 'ସାଇମନ୍ କମିସନ୍ ଫେରିଯାଅ' ପ୍ରଥମେ କିଏ କହିଥିଲେ | ଲାଲା ଲଜ୍‌ପତ୍ ରାୟ |
| 'ଜୟ ଜୱାନ୍ ଜୟ କିଷାନ୍' ସ୍ଲୋଗାନ୍ କିଏ ଦେଇଥିଲେ | ଲାଲ୍ ବାହାଦୂର ଶାସ୍ତ୍ରୀ |





# ବିଲେଇର ଦୃଷ୍ଟି ଶକ୍ତି


ଏମିତି କେତେକ ଜୀବ ରହିଛନ୍ତି ଯେଉଁମାନେ କି ରାତିରେ ସହଜରେ ଦେଖିପାରନ୍ତି। ସେଥି ମଧ୍ୟରୁ ବିଲେଇ ହେଉଛି ଅନ୍ୟତମ। ବିଲେଇମାନେ ଦିନରେ ଯେପରି ଦେଖିପାରନ୍ତି ରାତିରେ ତା'ଠାରୁ ଅଧିକ ସ୍ୱଷ୍ଟ ଦେଖିପାରନ୍ତି। କାରଣ ତା ଆଖିରେ ଥିବା ରେଟିନା ପଛ ଭାଗରେ ଟେପଟମ୍ ଲୁସିଡମ୍ ନାମକ ଏକ ଟିସୁ ସ୍ତର ରହିଛି। ଏଥିପାଇଁ ବିଲେଇ ରାତିରେ ପରିଷ୍କାର ଭାବରେ ଦେଖିପାରେ। ସାଧାରଣତଃ ଜୀବଜନ୍ତୁଙ୍କ ଆଖିଠୁ ମନୁଷ୍ୟଙ୍କ ଆଖି ଟିକେ ଅଲଗା ହୋଇଥାଏ। ପ୍ରକୃତି ତାଙ୍କୁ ଏପରି ଆଖି ମିଳିଛି ଯେ ସେମାନେ ଅନ୍ଧାରରେ ବହୁତ ଆରାମରେ ଦେଖିପାରନ୍ତି। ଏହି ଜୀବଟି ରାତିରେ ସଫା ଦେଖି ପାରିବା ଯୋଗୁଁ ସେ ଶୀକାରୀଠାରୁ ନିଜକୁ ବେଶ୍ ସହଜରେ ରକ୍ଷା ପାରିଥାଏ।



୧



୨




୩



୪



୫




୯




୬




୭




୮



୧
**ଚେତନା ପାଢ଼ୀ**
କ୍ଲାସ– ୩, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ–୮, ଭୁବନେଶ୍ୱର



୨
**ଏସ୍. ଏଚ୍ ସାନ୍ଭୀ ସାଲୋନୀ ବାରିକ**
କ୍ଲାସ– ୪, ଡାଫୋଡିଲ୍ ଇଂଲିଶ ମିଡିୟମ୍ ସ୍କୁଲ, ସିଲିପୁର, ମାର୍ଶାଘାଇ, କେନ୍ଦ୍ରାପଡା



୩
**ବର୍ଷା ବର୍ଣ୍ଣାଳୀ ସାମଲ**
କ୍ଲାସ୍– ୩, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର



୪
**ସିକୁନ ଶୁଭାଶିଷ ସାହୁ**
କ୍ଲାସ– ୭, ଓଡିଶା ଆଦର୍ଶ ବିଦ୍ୟାଳୟ, ତିଗିରିଆ, କଟକ



୫
**ସାତ୍ୱିକା ନନ୍ଦ**
କ୍ଲାସ–୩, ବିଜେଇଏମ୍–୧ ସ୍କୁଲ, ଭୁବନେଶ୍ୱର



୬
**ତନ୍ଭି ଦାଶ**
କ୍ଲାସ– ୫, ମଦର୍ସ ପବ୍ଲିକ୍ ସ୍କୁଲ, ପାହାଳ, ଭୁବନେଶ୍ୱର



୭
**ପ୍ରବୀର ମିଶ୍ର**
କ୍ଲାସ– ୩, ଲୟୋଲା ସ୍କୁଲ, ଭୁବନେଶ୍ୱର




୮
**ଏସ୍. ଜି. ଶ୍ରଦ୍ଧା ସାଗରିକା**
କ୍ଲାସ–୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର



୯
**ଏସ୍. ଜି.ଶାନ୍ଭି ସାଗରିକା**
କ୍ଲାସ୍–୭, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ–୧, ଭୁବନେଶ୍ୱର



୧୦
**ଜିଜ୍ଞାସା ନାୟକ**
କ୍ଲାସ୍– ୩, ଜ୍ଞାନରତ ପବ୍ଲିକ ସ୍କୁଲ, ଦଶପଲ୍ଲା



୧୦